# Akashvani, Sambalpur

## SAMBALPURI NEWS BULLETIN

### 30 October 2025 – 6.47- 6.52 am.

*********************************************

ବାତ୍ୟା- ସୁରେଶ୍ ପୂଜାରୀ I&PR

ବାତ୍ୟା ମୋହ୍ଥାର୍ ନୁକ୍ସାନ୍‌ର ହିସାବ୍ ଆଏଜ୍‌ଠାନୁ ମୁଲ୍ ହେବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ବାତ୍ୟା ଉତ୍‌ରର୍ ଥିତିର୍ ସମୀକ୍ଷା କରିକରି ଶ୍ରୀ ପୂଜାରୀ କହିଛନ୍, ବାତ୍ୟାଥି ରାଜ୍ୟର୍ ଦକ୍ଷିଣ ଆଉ ସମୁଦ୍ରଖଁଡ଼ି ଇଲାକାର୍ ୩୩ ଟା ବ୍ଲକ୍ ୧୧ ଟା ସହରୀ ଇଲାକା ଆଉ ୩ ଶହ ୫୮ ଟା ଗାଁ ପ୍ରଭାବିତ୍ ହେଇଛେ । କେତେଟା ଜାଗା ନ ଇହାଦେ ଭିଲ୍ ବର୍ଷା ଲାଗି ରହିଛେ । ଆଏବା କାଏଲ୍‌ତକ୍ ଥିତି ସ୍ୱାଭାବିକ୍ ହେବା । ନୁକ୍ସାନ୍‌ର ହିସାବ୍ କରାଯାଇକରି ଦର୍‌କାର୍ ହିସାବେ ଲୁକ୍‌କୁ ସର୍‌କାରୀ ସାହାଜ୍ ଯୁଗେଇ ଦିଆଯିବା । ବାତ୍ୟା ସମିଆଥି ରାଜ୍ୟ ସର୍‌କାର୍‌ଙ୍କର୍ ସବୁ ବିଭାଗ୍ ଆଗ୍‌ତୁରା ପଦକ୍ଷେପ୍ ନେଇଥିବାର୍‌ନୁ ବିଶେଷ୍ କିଛି ନୁକ୍ସାନ୍ ନାଇଁ ହେଇପାରି ବଲି ଶ୍ରୀ ପୂଜାରୀ କହିଛନ୍ ।

ବାୟୋଗେସ୍ କାର୍‌ଖାନା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ବର୍ଜ୍ୟବସ୍ତୁ ପରିଚାଲିତ୍ ବାୟୋଗେସ୍ କାର୍‌ଖାନା ଥାପ୍‌ନା ଲାଗି ଗଲାକାଏଲ୍ ଅଏଲ୍ ଇଣ୍ଡିଆ ଲିମିଟେଡ୍ ଆଉ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଭିତ୍‌ରେ ବୁଝାମଣାପତ୍ର ସ୍ୱାକ୍ଷର୍ ହେଇଯାଇଛେ । ଶହେ ୩୨ କୋଟି ଟଙ୍କା ଖର୍ଚ୍ଚାଥି ଥାପ୍‌ନା ହେବାର୍‌କେ ଥିବା ଇ କାର୍‌ଖାନାନୁ ଫି’ ଦିନ ୮ ଟନ୍ ବାୟୋ ଗେସ୍ ଉତ୍ପାଦନ୍ ହେବା । ଯେନ୍‌ଟାକି ପାଇପ୍‌ଲାଇନ୍ ଜରିଏ ଲୁକ୍‌କର୍ ଘର୍‌କେ ଯୁଗେଇ ଦିଆଯିବା । ଇଟାର୍‌ସହେତେ କଚ୍‌ଡ଼ା ନୁ ସାର୍ ଭିଲ୍ ଉତ୍ପାଦନ୍ ହେବା । ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଇଲାକାନୁ ଫି’ ଦିନ ୨ ଶହ ଟନ୍ ଜଗଡ଼ା ବାହାର୍‌ସି । ଇ ଜଗ୍‌ଡ଼ାକେ ବେଭାର୍ କରିକରି ବାୟୋଗେସ୍ ପ୍ଲାଂଟ୍ ନୁ ଜୈବିକ ଗେସ୍ ତିଆର୍ କରାଯିବା । ଇଟାର୍‌ଜରିଏ ମହାନଗର୍ ନିଗମ୍ ଇଲାକାର୍ ଜଗ୍‌ଡ଼ାର୍ ସୁପରିଚାଲନା ହେଇପାର୍‌ବା ବଲି ଇ ଅବ୍‌ସରେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କହିଛନ୍ ।

ରାଷ୍ଟ୍ରୀୟ ଏକତା ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ତମ ଜୟନ୍ତୀ ଆଏବା କାଏଲ୍ ପାଲନ୍ କରାଯିବା । ସାରାଦେଶେ ଇଟାକେ ରାଷ୍ଟ୍ରୀୟ ଏକତା ଦିବସ୍ ଭାବେ ପାଲନ୍ କର୍‌ବାର୍‌କେ ଓଡ଼ିଶା ପୁଲିସ୍ ତର୍‌ଫୁ ବ୍ୟାପକ୍

ପ୍ରସ୍ତୁତି ଚାଲିଛେ । ରାଜ୍ୟର୍ ୩୪ ଟା ଯାକ ପୁଲିସ୍ ଜିଲ୍ଲାର୍ ସବୁ ଥାନା ନ ରାଷ୍ଟ୍ରୀୟ ଏକତା ଦିବସ୍ ପାଲନ୍ କର୍‌ବାର୍ ଲାଗି ପୁଲିସ୍ ମହାନିର୍ଦ୍ଦେଶକ୍ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ପୁଲିସ୍ ତର୍‌ଫୁ ଏକତା ଗଣଦୌଡ଼ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା । ସେନ୍ତା ଶିକ୍ଷାନୁଷ୍ଠାନ୍‌ର ଛାତ୍ରଛାତ୍ରୀମାନ୍‌କର୍ ସ୍ତର୍‌ଥି ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍ ବସୁଧୈବ କୁଟୁମ୍ବକମ୍ ଶୀର୍ଷକ୍ ଭିନ୍ ଭିନ୍ ପ୍ରତିଯୋଗିତାର୍ ଆୟୋଜନ୍ କରାଯିବା ।

ଭାରତ ସାମୁଦ୍ରିକ ସପ୍ତାହ I&PR

ଓଡ଼ିଶାର୍ ନଦୀ ଆଉ ସମୁଦ୍ରଖଁଡ଼ି ଶହ ଶହ ବରସ୍ ହେଲା ବାଣିଜ୍ୟ ଆଉ ସଂସ୍କୃତି ଜୀବନ୍ ରେଖା ହେଇଛେ । ଓଡ଼ିଶା ଇହାଦେ ଆଧୁନିକ୍, ସ୍ଥାୟୀ ଜଳପଥ ଭିତିଭୂମି ଜରିଏ ଇ ଐତିହ୍ୟକେ ପୁର୍ନଜୀବିତ କର୍‌ବାର୍‌କେ ପ୍ରତିଶ୍ରୁତିବଦ୍ଧ । ଯେନ୍‌ଟାକି ଲଜିଷ୍ଟିକ୍ ଖର୍ଚ୍ଚା କମ୍ କର୍‌ବାର୍ ସହେତେ ସବୁଜ, ସମାବେଶୀ, ଅର୍ଥନୈତିକ୍ ଅଭିବୃଦ୍ଧିକେ ଭିଲ୍ ତହଁକାବା ବଲି ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ । ମୁମ୍ବାଇ ନ ଚାଲିଥିବା ସାମୁଦ୍ରିକ ସପ୍ତାହ ୨୦୨୫ ସମାବେଶ୍‌ଥି ହେଇଥିବା ଆଲୋଚନା ସଭାଥି ଯୋଗ୍ ଦେଇକରି ଶ୍ରୀମତୀ ପାଢ଼ୀ ଦେଶର୍ ଆଭ୍ୟନ୍ତରିଣ ଆଉ ସମୁଦ୍ରଖଁଡ଼ିର୍ ଜଳପଥ

ସଂଯୋଗ୍‌କେ ବର୍‌କସ୍ କର୍‌ବାର୍‌କେ ଓଡ଼ିଶାର୍ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରିଥିଲେ ।
ସମାବେଶ୍‌ଥି ଓଡ଼ିଶାର୍ ନୌବାଣିଜ୍ୟ ଐତିହ୍ୟ ବିଷୟବସ୍ତୁ ଉପ୍‌ରେ ବିଶିଷ୍ଟ ବାଲୁକାଶିଳ୍ପୀ ସୁଦର୍ଶନ୍ ପଟ୍ଟନାୟକ୍ ତିଆର୍ କରିଥିବା ବାଲୁକାକଳାକେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବହୁତ୍ ପ୍ରଶଂସା କରିଛନ୍ ।

କିଶୋରୀ କିଶୋର ସମାବେଶ      I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୨ ଦିନିଆ କିଶୋରୀ କିଶୋର ସମାବେଶ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ସମାବେଶ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କିଶୋର ଅବସ୍ଥାଥି ମାନସିକ ସ୍ୱାସ୍ଥ୍ୟ ଆଉ ସେମାନ୍‌କର୍ ଭିତ୍‌ରେ ଥିବା ଦକ୍ଷତା ଖୁଜ୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ ।

ନାଁଲେଖା      ଆର୍‌ଏନ୍‌ୟୁ/ ସମ୍ବଲପୁର
ବାତ୍ୟା ମୋନ୍ଥା ଲାଗି ସ୍ନାତକ, ସ୍ନାତକୋତର, ବିଏଡ୍, ଏମ୍‌ଏଡ୍, ଏଲ୍‌ଏଲ୍‌ବି ଆଉ ଇଂଟିଗ୍ରେଟେଡ୍ ବିଏଡ୍ , ଏମ୍‌ଏଡ୍ ପାଠ୍ୟକ୍ରମ୍‌ର ସ୍ୱଟ୍

ନାଁଲେଖା ସମିଆକେ ବଦ୍‌ଲାୟାଇଛେ । ଆଏଜ୍ ଆବେଦନ୍‌କାରୀମାନେ ନିଜର୍ କମନ୍ ଆପ୍ଲିକେସନ୍ ଫର୍ମ ସହେତେ ଜରୁରୀ କାଗଜ୍‌ପତର୍ ନେଇକରି କଲେଜ୍ ନ ପୁହୁଁଚିବେ । ନଭେମ୍ବର୍ ୧ ତାରିଖ୍ ଉଚ୍ଚଶିକ୍ଷାନୁଷ୍ଠାନ୍ ତର୍‌ଫୁ ମେଧା ତାଲିକା ବାହାରିବା ଆଉ ୩ ନୁ ୬ ତାରିଖ୍ ଭିତରେ ନାଁଲେଖା ହେବା ।

ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ   ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ଗଲାକାଏଲ୍ ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ ପାଲିତ୍ ହେଇୟାଇଛେ । ଜିଲ୍ଲା ପ୍ରଶାସନ୍ ଆଉ ଭିଜିଲାନ୍ସ ବିଭାଗ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ, ଦୁର୍ନୀତି ନିବାରଣ୍ ବିଭାଗ୍‌ର ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର୍ ଦ୍ୱିବେଦୀ ପ୍ରମୁଖ ଯୋଗ୍ ଦେଇକରି ସଚ୍ଚୋଟ୍ ଆଉ ସତ୍ୟନିଷ୍ଠ ହେଲେ ଦୁର୍ନୀତି ହଟ୍‌ବା ବଲି କହିଛନ୍ ।

ଉଲ୍ଲାସ୍ ପରୀକ୍ଷା            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ୍ ତରଫୁ କେନ୍ଦ୍ର ସରକାରଙ୍କର ପ୍ରାୟୋଜିତ ଉଲ୍ଲାସ୍ ନବଭାରତ୍ ସାକ୍ଷରତା କାର୍ଯ୍ୟକ୍ରମ୍ର ମୌଲିକ୍ ସାକ୍ଷରତା ଆଉ ସଂଖ୍ୟାଜ୍ଞାନ ମୂଲ୍ୟାଙ୍କନ୍ ପରୀକ୍ଷା ଜିଲ୍ଲାର୍ ପ୍ରାଥମିକ ଆଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନ୍କେ ହେଇଯାଇଛେ । ଜିଲ୍ଲାର୍ ୧୫ ବଛର୍ନୁ ଅଏତ୍କା ବୟସର୍ ଅଣସାକ୍ଷର୍ ବ୍ୟକ୍ତିମାନେ ଇ ପରୀକ୍ଷା ଦେଇଥିଲେ ।

ଜନଜାତି ଜୀବିକା ମିଶନ କର୍ମଶାଳା        ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ର ଜିଲ୍ଲାସ୍ତରୀୟ ସଂଯୋଗୀକରଣ୍ କାର୍ଯ୍ୟକ୍ରମ୍ ବାବଦ୍ ଗୁଟେ କର୍ମଶାଳା ଗଲାକାଏଲ୍ ହେଇଯାଇଛେ । ମୁଖ୍ୟ ଉନ୍ନୟନ୍ ଆଉ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କର୍ମଶାଳାଥି ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ଦେଇକରି ନିଜର୍ ନିଜର୍ ବିଭାଗ୍ର ଲୋକାଭିମୁଖୀ ଯୋଜ୍ନା ବାବ୍ଦେ ସୂଚ୍ନା ଦେଇଥିଲେ ।